## କେନ୍ଦ୍ର ସାହିତ୍ୟ ଏକାଡେମୀ ଯୁବ ଓ ବାଲ୍ ସାହିତ୍ୟ ପୁରସ୍କାର

# ଓଡ଼ିଶାରୁ ନରେନ୍ଦ୍ର ଓ ଦିଲ୍ଲୀପ


ନରେନ୍ଦ୍ର ଦାସ


ଦିଲ୍ଲୀପ ବେହେରା

**ଭୁବନେଶ୍ୱର,୨୪।୮/ଏନ୍‌ଏନ୍‌ଏସ୍:**

କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ୨୦୨୨ ବର୍ଷ ପାଇଁ ଯୁବ ଓ ବାଲ୍ ପୁରସ୍କାର ବୁଧବାର ଘୋଷଣା କରାଯାଇଛି । ୨୩ଟି ଭାଷାରେ ଚଳିତ ବର୍ଷ ଏହି ପୁରସ୍କାର ଦିଆଯିବ । ଏହି କ୍ରମରେ ଓଡ଼ିଶାରୁ ବାଲ୍ ସାହିତ୍ୟ ପୁରସ୍କାର ପାଇଁ ଲେଖକ ନରେନ୍ଦ୍ର ଦାସଙ୍କ ନାମ ଘୋଷଣା କରାଯାଇଛି । ଓଡ଼ିଆ ଭାଷାରେ ତାଙ୍କ କ୍ଷୁଦ୍ର ଗଳ୍ପ ପୁସ୍ତକ 'କୋଳାହଳ ନା ହଳାହଳ' ରଚନା ପାଇଁ ସେ ଯୋଗ୍ୟ ବିବେଚିତ ହୋଇଛନ୍ତି । ସେ ଜଣେ ଶିଶୁ ସାହିତ୍ୟିକ ଏବଂ ବିଜେବି କଲେଜର ଅଧକ୍ଷ ଥିଲେ । ଏହି ପୁରସ୍କାର ପାଇଁ ଜୁରି ବୋର୍ଡରେ ଓଡ଼ିଶାରୁ ପ୍ରଫେସର ଆଦିକନ୍ଦ ସାହୁ, ଡ. ପ୍ରଫୁଲ୍ଲ କୁମାର ମହାନ୍ତି ଓ ଗାୟତ୍ରୀ ସରାଫ୍ ସଦସ୍ୟ ଥିଲେ । ସେହିପରି ଯୁବ ଲେଖକ ତଥା ଚିକିତ୍ସକ ଦିଲ୍ଲୀପ ବେହେରା କେନ୍ଦ୍ର ସାହିତ୍ୟ ଏକାଡେମୀ ଯୁବ ପୁରସ୍କାର ୨୦୨୨ ପାଇବେ । ତାଙ୍କ କ୍ଷୁଦ୍ର ଗଳ୍ପ ପୁସ୍ତକ 'ଲଣ୍ଠନ' ପାଇଁ ସେ ମନୋନୀତ ହୋଇଛନ୍ତି । ପ୍ରତିବର୍ଷ ୨୪ଟି ଭାଷାରେ ଏହି ପୁରସ୍କାର ଦିଆଯାଉଥିବା ବେଳେ ମରାଠୀ ଭାଷାର ପୁରସ୍କାର ବିଳମ୍ବରେ ଘୋଷଣା କରାଯିବ ।

▶▶ ୭